## ପ୍ରେସ୍‌ନୋଟ୍

## କରୋନା ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମକୁ ଜୋରଦାର କରାଯିବ-ଜିଲ୍ଲାପାଳ ।

ଅନୁଗୋଳ, ତା.୦୯.୦୪:- କରୋନାର ଦ୍ୱିତୀୟ ଲହରିକୁ ନିୟନ୍ତ୍ରଣ କରିବା ପାଇଁ ଆଶୁ ପଦକ୍ଷେପ ସମ୍ପର୍କିତ ଏକ ବୈଠକ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । କରୋନାର ଦ୍ୱିତୀୟ ଲହରୀର ବ୍ୟାପକତାକୁ ଦୃଷ୍ଟିରେ ରଖି ଆସନ୍ତା ୧୫-୨୦ଦିନ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଆଖି ଆଗରେ ରଖି କରୋନା କଟକଣା ଓ ଏନଫୋରସମେଣ୍ଟ କାର୍ଯ୍ୟକୁ ଜିଲ୍ଲା ତମାମ୍ ଜୋର ଦାର କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଂକୁ ପରାମର୍ଶ ଦେଇଛନ୍ତି । କରୋନା ପ୍ରଥମ ଲହରୀ ସମୟରେ ଜନସାଧାରଣ ଯେଉଁ ସତର୍କତା ଅବଲମ୍ବନ କରୁଥିଲେ ବର୍ତ୍ତମାନ ମଧ୍ୟ ସେହିପରି ସତର୍କତା ଅବଲମ୍ବନ କରିବାକୁ ପଡିବ, ନଚେତ୍ ପରବର୍ତ୍ତୀ ସମୟରେ ଏହି ସଂକ୍ରମଣ ଜଟିଳ ରୂପ ଧାରଣ କରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ତାଳଚେର ଓ ପାଲଲହଡା ଉପଖଣ୍ଡର କରୋନା ପରିଚାଳନା ଦାୟିତ୍ୱ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ତପନ କୁମାର ଶତପଥିଙ୍କ ଉପରେ ନ୍ୟସ୍ତ କରାଯାଇଥିବାବେଳେ, ଅନୁଗୋଳ ଓ ଆଠମଲ୍ଲିକ ଉପଖଣ୍ଡର ଦାୟିତ୍ୱ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନଙ୍କ ଉପରେ ନ୍ୟସ୍ତ କରାଯାଇଛି । ଜିଲ୍ଲାର ଜନଗହଳିପୂର୍ଣ୍ଣ ସ୍ଥାନ ହାଟ,ଶିକ୍ଷାନୁଷ୍ଠାନ ମାନଂକରେ ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନକୁ କଡାକଡି ପାଳନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଥିବା ଶିକ୍ଷାନୁଷ୍ଠାନମାନଂକୁ ନିୟମିତ ପରିଦର୍ଶନ ଯାଇ କରୋନା ନିୟମାବଳୀକୁ ଅନୁପାଳନ କରୁଛନ୍ତି କି ନାହିଁ ସେ କଥା ଯାଞ୍ଚ କରିବା ସହିତ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଛି । କରୋନା ଚିହ୍ନଟ ପରିକ୍ଷଣ ଯେତେ ଅଧିକ ହୋଇପାରିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ଆନେସ୍ଥେସିଆ ଡାକ୍ତରଂକ ଆବଶ୍ୟକତା ରହିଛି ଏ ସମ୍ପର୍କରେ ଭୁବନେଶ୍ୱର ସ୍ଥିତ ଉଚ୍ଚ ପଦାଧିକାରୀଂକ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଂକୁ ପରାମର୍ଶ ଦେଇଛନ୍ତି । ଛେଣ୍ଡିପଦା ଓ ବଣ୍ଡଁରପାଳ ଅଂଚଳରେ କରୋନାର ପଜିଟିଭଙ୍କ ସଂଖ୍ୟା ବଢୁଥିବାର ଲକ୍ଷ୍ୟ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ତମାମ୍ କରୋନା ଚିହ୍ନଟ ପରିକ୍ଷଣକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଂକୁ ପରାମର୍ଶ ଦେଇଛନ୍ତି । କରୋନା ଟୀକା ନେବା ପରେ କରୋନା ନୀତି ନିୟମ ତଥା

ଉପଯୁକ୍ତ ଭାବରେ ମାସ୍କ ପରିଧାନ ଓ ସାମାଜିକ ଦୂରତା ଅବଲମ୍ବନକୁ ଅବମାନନା କଲେ ପରବର୍ତ୍ତୀ ସମୟରେ ସଂକ୍ରମଣ ଅଧିକ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । କରୋନା ସଚେତନତା ପୁସ୍ତିକା ଯେଉଁଠାରେ ପହଂଚି ନାହିଁ ସେହି ବ୍ଲକକୁ ତୁରନ୍ତ ପଠାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଚିକିତ୍ସାଳୟ କରୋନା ୱାର୍ଡକୁ ଅଧିକ ସଶକ୍ତ କରିବା ସହିତ କରୋନା ରୋଗୀଂକ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ଆବଶ୍ୟକତା ପଡିପାରେ ସେଥିପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଂକୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥିଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନୂତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ ।

ଦୀର୍ଘ ୪ ମାସରୁ ଉର୍ଦ୍ଧ ସମୟ ଧରି ଖାଲିଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀରେ ଆଜି ଶ୍ରୀ ଦୁଃଖବନ୍ଧୁ ମାଝି ଯୋଗଦାନ କରିଛନ୍ତି । ସରକାରଂକ ବିଭିନ୍ନ ଯୋଜନାର ସୁଫଳ ଗଣମାଧ୍ୟମ ଜରିଆରେ ଜନସାଧାରଣଂକ ନିକଟରେ ପହଂଚାଇବାର ଗୁରୁଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନ କରିବେ ବୋଲି ସେ ପ୍ରକାଶ କରିଛନ୍ତି । ପୂର୍ବରୁ ସେ ୫ବର୍ଷରୁ ଉର୍ଦ୍ଧ୍ୱ ପାଲଲହଡା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ସୂଚାରୁରୂପେ ଦାୟିତ୍ୱ ସମ୍ପାଦନ କରିଆସିଛନ୍ତି । ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସୌରଭ ପ୍ରଧାନଂକ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଭିନ୍ନ ସୂଚନା ପାଇଁ ଶ୍ରୀ ମାଝିଙ୍କ ମୋବାଇଲ ନମ୍ବର ୯୯୩୭୨୩୫୯୯୫ ରେ ଯୋଗାଯୋଗ କରାଯାଇପାରିବ ।


ଜିଲ୍ଲାପାଳ • ଅନୁଗୋଳ
NAME